# ANNUAL REPORT HINDOL COLLEGE, KHAJURIAKATA FOR THE YEAR

HINDOL COLLEGE
Estd : 1977
KHAJURIAKATA, DHENKANAL

## ବାର୍ଷିକ ବିବରଣୀ ୨୦୧୮-୧୯

ହିନ୍ଦୋଳ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବର ସଭାପତି ମାନନୀୟା ବିଧାୟିକା, ଶ୍ରୀମତୀ ସୀମାରାଣୀ ନାୟକ ମହୋଦୟା, ମୁଖ୍ୟ ଅତିଥି ମାନ୍ୟବର ପୂର୍ବ, ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ ମହୋଦୟ, ମୁଖ୍ୟ ବକ୍ତା ମାନନୀୟ ଶ୍ରୀଯୁକ୍ତ ମହେଶ ସାହୁ ମହୋଦୟ, ସମ୍ମାନୀତ ଅତିଥି ଜିଲ୍ଲାପରିଷଦ ଅଧକ୍ଷା, ଢେଙ୍କାନାଳ, ପଞ୍ଚାୟତ ସମିତି ଅଧକ୍ଷ, ହିନ୍ଦୋଳ, ରାଜ୍ୟ କାର୍ଯ୍ୟକାରୀ ସଭାପତି, ବିଜୁ ଛାତ୍ର ଜନତା ଦଳ, ସମାଜସେବୀ ଅରିନ୍ଦମ ରାୟ ମହୋଦୟ, ମହାବିଦ୍ୟାଳୟର ସମ୍ମାନୀୟ ଅଧକ୍ଷ ମହୋଦୟ, ଛାତ୍ର ସଂସଦର ସହ ଉପଦେଷ୍ଟା, ଆମମାନଙ୍କ ଗହଣରେ ଉପସ୍ଥିତ ନିମନ୍ତ୍ରିତ ଅତିଥିବୃନ୍ଦ, ଗଣମାଧମ ପ୍ରତିନିଧି ଗଣ, ଅଧ୍ୟାପକ, ଅଧ୍ୟାପିକା, କର୍ମଚ୍ଚରୀ ଓ ସମସ୍ତ ଛାତ୍ରଛାତ୍ରୀ ବୃନ୍ଦ । ଏହି ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ସ୍ୱାଗତ ଓ ଅଭିନନ୍ଦନ ।

ଏଇ ମହାବିଦ୍ୟାଳୟଟି ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ଅନଗ୍ରସର ହିନ୍ଦୋଳ ଉପଖଣ୍ଡରେ ମଥାଟେକି ଉଚ୍ଚଶିକ୍ଷାର ପ୍ରସାର କରିବା ସଙ୍ଗେ ସଙ୍ଗେ ଏ ଅଞ୍ଚଳର ବୌଦ୍ଧିକ ତଥା ସାଂସ୍କୃତିକ ବିକାଶରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି ।

ପ୍ରାଚୀନ ହିନ୍ଦୋଳ ଗଡଜାତ ଅଞ୍ଚଳରେ ଉଚ୍ଚଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଦେଶ ସ୍ୱାଧୀନ ହେବାର ପ୍ରାୟ ୩୦ବର୍ଷ ପରେ ୧୯୭୭ ମସିହାରେ ପ୍ରତିଷ୍ଠା ହୋଇଥିଲା ହିନ୍ଦୋଳ ମହାବିଦ୍ୟାଳୟ । କିଛି ସ୍ଥାନୀୟ ସମାଜସେବୀ ଓ ଶିକ୍ଷାପ୍ରେମୀ ନିରଳସ ଉଦ୍ୟମ କରି ଏଇ ଶିକ୍ଷାନୁଷ୍ଠାନର ଯେଉଁ ବୀଜଟିକୁ ବପନ କରିଥିଲେ ତାହା ଆଜି ପୁଷ୍ପିତ ପଲ୍ଲବିତ ହୋଇ ମହାଦ୍ରୁମରେ ପରିଣତ ହୋଇଛି । ସ୍ୱଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଗଢିଉଠିଥିବା ଏହି ମହାବିଦ୍ୟାଳୟର କଳେବର ବର୍ତ୍ତମାନ ୧୫୦୦ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ବର୍ତ୍ତିକା ସାଜି ପୂର୍ଣ୍ଣଗର୍ଭା ନଦୀପରି ଅପ୍ରତିହତଗତିରେ ଆଗେଇ ଚାଲିଛି ।

ଏଇ ମହାବିଦ୍ୟାଳୟର ସୁରଭିକୁ ରାଜ୍ୟ ତଥା ସମଗ୍ର ଦେଶରେ ମହକାଇବାରେ **NCC, NSS, Red Cross** ଭଳି ବିଭାଗର ଅବଦାନ ପ୍ରଶଂସନୀୟ । ୧୯୯୦ ମସିହାରୁ କାର୍ଯ୍ୟରତ ଜାତୀୟ ସେବା ଯୋଜନା ନିଜର କାର୍ଯ୍ୟକ୍ରମ ଯଥା – ସ୍ୱଚ୍ଛତା ହିଁ ସେବା, ଭୋଟର ଜାଗୃତି କରଣ, ପ୍ଲାଷ୍ଟିକ ବ୍ୟବହାର ନିଷେଧ, ସ୍ୱାସ୍ଥ୍ୟ ସଚେତନତା ଆଦି କାର୍ଯ୍ୟକ୍ରମ ଦ୍ୱାରା ନିଜର ଆଭିମୁଖ୍ୟକୁ ପୂର୍ଣ୍ଣତା ପ୍ରଦାନ କରିପାରିଛି ।

ମହାବିଦ୍ୟାଳୟର **NCC** ବିଭାଗଟି ଏଇ ମହାବିଦ୍ୟାଳୟକୁ ଜାତୀୟ ସ୍ତରରେ ଉପସ୍ଥାପନା କରି ପ୍ରଶଂସାର୍ହ କରିପାରିଛି । ଏଇ ବିଭାଗଟିର ବିଭିନ୍ନ କାର୍ଯ୍ୟକ୍ରମ ଯଥା **NCC DAY, Surgical Strike** ର ସ୍ମୃତିଚାରଣ, **Fire Fighting & Fire Safety,** ୩୦ତମ ଜାତୀୟ ସଡକ ସୁରକ୍ଷା କାର୍ଯ୍ୟକ୍ରମ, ଆନ୍ତର୍ଜାତିକ ଯୁବଦିବସ ଆଦି ପାଳନ କରି ମହାବିଦ୍ୟାଳୟର ଗୌରବକୁ ବଢାଇପାରିଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ ସୁଶ୍ରୀ ରାଜଲକ୍ଷ୍ମୀ ପଟ୍ଟନାୟକ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ୭୦ତମ ସାଧାରଣତନ୍ତ୍ର ଦିବସର ପ୍ୟାରେଡରେ ପ୍ରତିନିଧିତ୍ୱ କରି ନିଜକୁ ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟକୁ ମଧ ଶିଖରତା ପ୍ରଦାନ କରିପାରିଛନ୍ତି ।

(P.T.O.)

ମହାବିଦ୍ୟାଳୟର **Red Cross** ଆନୁକୁଲ୍ୟରେ ରକ୍ତଦାନ ଶିବିରକୁ ଆୟୋଜନ କରାଯାଇ ସାମାଜିକ ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭାଇ ପାରିଛି । ଏଇ ମହାବିଦ୍ୟାଳୟ ତାର ବାର୍ଷିକ କ୍ରୀଡା ମହୋତ୍ସବକୁ ପାଳନ କରିବା ସଙ୍ଗେ ସଙ୍ଗେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରି ସାଫଲ୍ୟ ମଣ୍ଡିତ ହୋଇଥିଲେ ।

ଏଇ ମହାବିଦ୍ୟାଳୟ ମାନବିକ ଅଧିକାର ସମ୍ପର୍କିତ କର୍ମଶାଳା, ଭୂତଳ ଜଳ ସଂରକ୍ଷଣ, ଏସିଡ୍ ଆକ୍ରମଣ ଜନିତ ଆଇନଗତ ସଚେତନତା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିପାରିଛି ।

ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ପାଇଁ ମହାବିଦ୍ୟାଳୟର ସମସ୍ତ ବିଭାଗରେ ପାଠଚକ୍ର ଏବଂ **Study Tour** ଆଦିର ଆୟୋଜନ କରାଯାଉଛି ।

୨୦୧୫ ମସିହାରେ ଏଇ ମହାବିଦ୍ୟାଳୟଟି **UGC** ର **NAAC** ସ୍ୱୀକୃତି ଲାଭ କରି ଆପଣା ଗୌରବ ବଢାଇପାରିଛି । ଯାହାର ଫଳ ସ୍ୱରୂପ ନିକଟ ଅତୀତରେ ଏହା ରାଜ୍ୟ ସରକାରଙ୍କ ମନୋନୀତ ୭୦ଟି ମହାବିଦ୍ୟାଳୟମାନଙ୍କ ମଧ୍ୟରେ ସ୍ଥାନ ଲାଭ କରି ବିଶ୍ୱ ବ୍ୟାଙ୍କରୁ ଆର୍ଥିକ ସହାୟତା ପାଇପାରିଛି ।

ଏଇ ମହାବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଛାତ୍ରଛାତ୍ରୀମାନେ **University of California, America, Sambalpur University, ISRO, BARC…** ଆଦି ଅନୁଷ୍ଠାନମାନଙ୍କରେ କାର୍ଯ୍ୟରତ ଥାଇ ନିଜକୁ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟର ଗରିମାକୁ ବଢାଇ ପାରିଛନ୍ତି ।

ହିନ୍ଦୋଳ ଉପଖଣ୍ଡର ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବରେ ଯଦିଓ ଏଇ ମହାବିଦ୍ୟାଳୟଟି ସ୍ଥାନୀୟ ଜନସାଧାରଣଙ୍କର ଆସ୍ଥାଭାଜନ ହୋଇ ପାରିଛି ତଥାପି ଏଇ ମହାବିଦ୍ୟାଳୟର କେତେକ ମୌଳିକ ଆବଶ୍ୟକତା ପୂର୍ଣ୍ଣ ହୋଇପାରି ନାହିଁ । ଯଥା – ଏଇ ମହାବିଦ୍ୟାଳୟ ନାମରେ ଜମି ହସ୍ତାନ୍ତରିକରଣ, ଶ୍ରେଣୀ ଗୃହର ଅଭାବ, ବିଜ୍ଞାନାଗାରର ଅତ୍ୟାଧୁନିକିକରଣ, ପାଠାଗାରର ଆଧୁନିକିକରଣ, ଖାଲିଥିବା ପଦବୀ ଗୁଡିକର ପୂରଣ, ସ୍ଥାୟୀ ପ୍ରାଚୀର ନିର୍ମାଣ ଆଦି ସମସ୍ୟାଗୁଡିକର ଆଶୁ ସମାଧାନ ନିମନ୍ତେ ବିହିତ ପଦକ୍ଷେପମାନ ନେବା ପାଇଁ ମାନ୍ୟବର ମନ୍ତ୍ରୀ ମହୋଦୟ, ମାନ୍ୟବର ବିଧାୟକ, ବିଧାୟିକା ଏବଂ ଅନ୍ୟାନ୍ୟ ସମ୍ମାନନୀୟ ଅତିଥିମାନଙ୍କ ନିକଟରେ ଅନୁରୋଧ ରଖୁଛୁ ।

HINDOL COLLEGE
Estd : 1977
KHAJURIAKATA, DHENKANAL

PRINCIPAL
HINDOL COLLEGE
KHAJURIAKATA

2017 - 2018

ମାନନୀୟ Principal , Dr. ଅସିତ୍ କୁମାର ଜେନାମଣି , ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତଥାଗତ ଶତପଥି ସାଂସଦ ,ଢ଼େଙ୍କାନାଳ
ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ହେମନ୍ତ କୁମାର ପାଣିଗ୍ରାହୀ, ବରିଷ୍ଠ ପରିଚାଳକ , ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ସମ୍ମାନୀୟ ଅତିଥି 1-ଶ୍ରୀମତୀ ସୀମାରାଣୀ ନାୟକ ,ବିଧାୟିକା ,ହିନ୍ଦୋଳ 2- ଶ୍ରୀମତୀ ମିନତୀ ନାୟକ , ଅଧ୍ୟକ୍ଷା , ଢ଼େଙ୍କାନାଳ ଜିଲ୍ଲା ପରିଷଦ 3- ଶ୍ରୀଯୁକ୍ତ ପ୍ରିୟରଞ୍ଜନ ମାହୁନ୍ତ , ଅଧ୍ୟକ୍ଷ , ପଞ୍ଚାୟତ ସମିତି ହିନ୍ଦୋଳ ବ୍ଲକ୍

ଉପଦେଷ୍ଟା ଛାତ୍ର ସଂସଦ ଅଧ୍ୟାପକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଗଡ଼ନାୟକ , ସହ ଉପଦେଷ୍ଟା ଛାତ୍ର ସଂସଦ ଅଧ୍ୟାପକ ଶ୍ରୀଯୁକ୍ତ ଜୟନ୍ତ ନାରାୟଣ ପତି , ସଭାପତି ଛାତ୍ର ସଂସଦ ଶ୍ରୀ ବିକାଶ ବେହେରା

ମଞ୍ଚ ସଞ୍ଚାଳକ ଅଧ୍ୟାପକ ଶ୍ରୀଯୁକ୍ତ ସୁକାନ୍ତ କୁମାର ପତି

ମାଘ-ପୌଷମାସ କୃଷି ଭିତ୍ତିକ ଗ୍ରାମିଣ ସଭ୍ୟତାରେ ବିଶେଷ ଗୁରୁତ୍ୱ ବହନ କରେ । ପୌଷମାସ ର ହାଡ଼ଥରା ଜାଡ଼କୁ ବେଖାତିର କରି ଚାଷିଟିଏ ଲହୁ ଲୁହ ଦେଇ ଉପୁଜାଇଥିବା ଶସ୍ୟକୁ ଅମଳ କରି ବୋହି ଆଣେ ଖଳାକୁ । ହିନ୍ଦୋଳ ଉପଖଣ୍ଡ ପରି କୃଷି ଭିତ୍ତିକ ଗ୍ରାମବହୁଳ ଏକ ଅଞ୍ଚଳ ପାଇଁ ଏ ପୌଷମାସ ବିଶେଷ ଗୁରୁତ୍ୱ ବହନ କରେ । ଏହିପରି ଏକ ଶୀତୁଆ ଅଞ୍ଚଳ କୃଷି ପରମ୍ପରା ପାଇଁ ଗୁରୁତ୍ୱ ବହନ କରୁଥିବା ମାସରେ ହିନ୍ଦୋଳ ମହାବିଦ୍ୟାଳୟ , ଖଜୁରିଆକଟା ପରି ଏକ ଗ୍ରାମୀଣ ମହାବିଦ୍ୟାଳୟ ତାର 40 ତମ ବାର୍ଷିକ ଉତ୍ସବ ପାଳନ କରୁଅଛି । ଏହା ଆମ ସଭିଙ୍କ ପାଇଁ ଏକ ଆହ୍ଲାଦପ୍ରଦ ଅନୁଭୂତି ।

ଏହି 40 ତମ ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ବାର୍ଷିକ ବିବରଣି 2017-18 ପାଠ କରୁଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

ହିନ୍ଦୋଳ ମହାବିଦ୍ୟାଳୟ , ଖଜୁରିଆକଟାର ଭୌଗଳିକ ଅବସ୍ଥିତି ଯେତିକି ଚିତ୍ତାକର୍ଷକ ତତୋଧିକ ଭାବ ଉଦ୍ଦିପକ । ବଣ ପାହାଡ଼ ଘେରା ନୈସର୍ଗିକ ଶ୍ୟାମଳିମା ବିମଣ୍ଡିତ ପରିବେଶରେ ଆମର ଏ ପ୍ରିୟ ମହାବିଦ୍ୟାଳୟଟି ମଥା ଟେକିଛି । ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ଅନଗ୍ରସର ଆମ ହିନ୍ଦୋଳ ଉପଖଣ୍ଡର ଏ ମହାବିଦ୍ୟାଳୟଟି ଏକ ପ୍ରମୁଖ ଉଚ୍ଚଶିକ୍ଷା କେନ୍ଦ୍ର । ହିନ୍ଦୋଳ ଉପଖଣ୍ଡରେ ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ହିନ୍ଦୋଳ ମହାବିଦ୍ୟାଳୟ , ଖଜୁରିଆକଟାର ଅବଦାନ ଅନସ୍ୱୀକାର୍ଯ୍ୟ । ଏ ଅଞ୍ଚଳର ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଆମ ମହାବିଦ୍ୟାଳୟ , ଅବିସମ୍ବାଦିତ ଭାବେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି । ଏପରି ଐତିହ୍ୟ ସଂପନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାବେ ଆମେ ନିଜକୁ ଗୌରବ ମଣ୍ଡିତ ମନେକରୁଅଛୁ ।

ପ୍ରାଚୀନ ହିନ୍ଦୋଳ ଗଡ଼ଜାତ ଅଞ୍ଚଳରେ ଉଚ୍ଚଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଦେଶ ସ୍ୱାଧିନ ହେବାର ପ୍ରାୟ 30 ବର୍ଷପରେ ଅର୍ଥାତ୍ 1977 ମସିହାରେ ପ୍ରତିଷ୍ଠା ହୋଇଥିଲା ହିନ୍ଦୋଳ ମହାବିଦ୍ୟାଳୟ । କିଛି ସ୍ଥାନୀୟ ସମାଜସେବୀ ଓ ଶିକ୍ଷାପ୍ରେମି ବ୍ୟକ୍ତିବିଶେଷ , ଅବସର ପ୍ରାପ୍ତ ସାମରିକ ଚିକିତ୍ସକ Captain Dr. ରାଧୁ ଚରଣ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମପଞ୍ଚାୟତ ସବୁର ସହଯୋଗରେ ଖଜୁରିଆକଟା ( ଯାହା କି ହିନ୍ଦୋଳ ଉପଖଣ୍ଡର କେନ୍ଦ୍ରସ୍ଥଳ ) ଠାରେ ଏକ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ । 16 ସେପ୍ଟେମ୍ବର ,1977 ମସିହା "ଗଣେଷ ଚତୁର୍ଥି" ର ପବିତ୍ର ଦିନରେ ଏ ମହାବିଦ୍ୟାଳୟର ଭିତ୍ତି ସ୍ଥାପନ କରାଯାଇଥିଲା ଓ ଏହାର ନାମକରଣ ହିନ୍ଦୋଳ ମହାବିଦ୍ୟାଳୟ ରଖାଯାଇଥିଲା ।

ସ୍ୱର୍ଗତ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଗଠିତ ପରିଚାଳନା କମିଟିର ସମ୍ପାଦକ ଦାୟିତ୍ୱ ବହନ କରିଥିଲେ ଡ଼ା. ରାଧୁଚରଣ ପ୍ରଧାନ । ପ୍ରାରମ୍ଭିକ କାଳରେ ମାଧ୍ୟମିକ କଳାଶ୍ରେଣୀରେ 17 ଜଣ ଛାତ୍ରଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟଟି କାର୍ଯ୍ୟ ଆରମ୍ଭ କରିଥିଲା । ବର୍ତ୍ତମାନ ଏହାର କଳେବର 1700 ରେ ପହଞ୍ଚିଛି । ପରିତ୍ୟକ୍ତ C.T. ସ୍କୁଲ୍ ଗୃହରେ ହିଁ ଏହି ମହାବିଦ୍ୟାଳୟଟି ପରିଚାଳିତ ହୋଇଥିଲା । ହିନ୍ଦୋଳ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରିଥିଲେ ଅର୍ଥନୀତି ଅଧ୍ୟାପକ ଶ୍ରୀଯୁକ୍ତ ଅଭିରାମ ସାମଲ ।

ପ୍ରାଥମିକ ସ୍ତରରେ ମହାବିଦ୍ୟାଳୟଟି ବହୁ ଦୁଃସ୍ଥିତି ମଧ୍ୟ ଦେଇ ଗତି କରିଥିଲା । ମହାବିଦ୍ୟାଳୟ ଆର୍ଥିକ ସ୍ଥିତି ମଧ୍ୟ ଭଲ ନଥିଲା । ଏହାର ପ୍ରତିଷ୍ଠାତା ମାନେ ଗାଁ ଗାଁ ବୁଲି ଭିକ୍ଷା ଆକାରରେ ଅନୁଷ୍ଠାନ ପାଇଁ ସାହାଯ୍ୟ ସଂଗ୍ରହ କରିଥିଲେ । ରଞ୍ଜାଗୋଳ ଗ୍ରାମର ଧର୍ମାନନ୍ଦ ବିଶ୍ୱାଳଙ୍କର ବଦାନ୍ୟତା ଅବିସ୍ମରଣୀୟ । ସେ ମହାଶୟ ଶ୍ରଦ୍ଧାର ସହ ଅନୁଷ୍ଠାନ ସଲଗ୍ନ 1 . 13 ଏକର ଗୃହଉପଯୋଗୀ ଜମି ମହାବିଦ୍ୟାଳୟକୁ ଦାନ କରିଥିଲେ ।

HINDOL COLLEGE
Estd : 1977
KHAJURIAKATA, DHENKANAL

1985 ମସିହାରେ ମାଧ୍ୟମିକ ବିଜ୍ଞାନ ପାଠ୍ୟ ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟାରେ ଆରମ୍ଭ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଉପଖଣ୍ଡରେ ବିଜ୍ଞାନ ଶିକ୍ଷାର ପ୍ରସାର ଘଟାଇବା । ପ୍ରାଥମିକ ଭାବେ 64 ଟି ସିଟ୍ ଥିବା ମାଧ୍ୟମିକ ବିଜ୍ଞାନ ପାଠ୍ୟଧାରା ଆଜି ପହଞ୍ଚିଛି 128 ସିଟ୍ ରେ । ମାଧ୍ୟମିକ କଳା ବିଭାଗରେ ସିଟ୍ ସଂଖ୍ୟା 256 ।

128 ସିଟ୍ ବୈଶିକ କଳା ପାଠ୍ୟଧାରା 1988 ମସିହାରେ ଆରମ୍ଭ ହୋଇଥିଲା ଓ ୨୮ ସିଟ୍ ବିଶିଷ୍ଟ ସ୍ନାତକ ବିଜ୍ଞାନ ପାଠ୍ୟଧାରା ଆରମ୍ଭ ହୋଇଥିଲା 1992 ମସିହା ରେ । 1994 ମସିହାରେ ସ୍ନାତକ କଳା ପାଠ୍ୟଧାରାରେ ଇତିହାସ ଓ ରାଜନୀତି ବିଜ୍ଞାନ ସମ୍ମାନ ( Hon. ) ଆରମ୍ଭ ହୋଇଥିଲା । 2003 ମସିହାରେ ପଦାର୍ଥ ବିଜ୍ଞାନ ,ରସାୟନ ବିଜ୍ଞାନ , ଗଣିତଶାସ୍ତ୍ର , ଉଦ୍ଭିଦ ବିଜ୍ଞାନ ଓ ଅର୍ଥନୀତି ବିଭାଗରେ ସମ୍ମାନ ଶ୍ରେଣୀ ଆରମ୍ଭ ହେଲା । ବର୍ତ୍ତମାନର C.B.C.S ପାଠ୍ୟ ଖସଡ଼ା ଅନ୍ତର୍ଗତ ଉଭୟବିଦ୍ଧ କଳା ଓ ବିଜ୍ଞାନ ସମ୍ମାନ ଶ୍ରେଣୀ ପର୍ଯ୍ୟାୟଭୁକ୍ତ ହୋଇପାରିଛି ।

ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ 1990 ମସିହାରୁ କାର୍ଯ୍ୟରତ ଜାତୀୟ ସେବା ଯୋଜନା ( NSS ) ସଫଳତାର ସହ ଅଦ୍ୟାବିଧି ଜନସାଧାରଣଙ୍କ ସେବାରେ ନିୟୋଜିତ ଅଛି । ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ରାଜ୍ୟ ଓ ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିପାରିଛି । ଆମ ମହାବିଦ୍ୟାଳୟର ଜଣେ ଦକ୍ଷ NCC Cadet ଶ୍ରୀ ପ୍ରିୟବ୍ରତ ସାମଲ (+3 2nd year arts) ସ୍ଥଳସେନା Camp Parade ରେ Cadet ଭାବେ ଭାଗନେଇ ଆମକୁ ଗର୍ବିତ କରିଛନ୍ତି । ବିଗତ ବର୍ଷ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ "ଜୀବନ ବିନ୍ଦୁ" ରକ୍ତଦାନ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇପାରିଛି । ଏଥିରେ Red Cross Unit ପୁର୍ଣ୍ଣ ସହାୟତା ପ୍ରଦାନ କରିଥିଲା । ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ଦିଆଯାଉଛି । ଛାତ୍ରଛାତ୍ରୀ ମାନେ ଯୋଗଶିକ୍ଷା କରିବା ସହ ନୈତିକତା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ extra ଶ୍ରେଣୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଛନ୍ତି ।

ମହାବିଦ୍ୟାଳୟ ଏକ ସୁସଂଗଠିତ ପାଠାଗାର ରହିଛି । ଏଥିରେ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ପାଇଁ 10 ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଅଛି । ବହୁସଂଖ୍ୟକ ମୁଲ୍ୟବାନ ପୁସ୍ତକ ନିକଟ ଅତୀତରେ UGC ସହଯୋଗରେ କ୍ରୟ କରାଯାଇଅଛି । ବହୁସଂଖ୍ୟକ reference ବହି ଓ ପତ୍ର ପତ୍ରିକା ପାଠାଗାରରେ ରହିଅଛି ।

ମହାବିଦ୍ୟାଳୟ employment cell ଛାତ୍ରଛାତ୍ରୀଙ୍କୁ କର୍ମ ନିଯୁକ୍ତିର ସୁଯୋଗ ବିଷୟରେ ସୂଚନା ଦେଉଅଛି । Quality Assurance Cell ମଧ୍ୟ ଉତ୍କୃଷ୍ଟ ଶିକ୍ଷାଦାନର ସୁବନ୍ଦୋବସ୍ତ କରୁଅଛି ।

2015 ମସିହାରେ ହିନ୍ଦୋଳ ମହାବିଦ୍ୟାଳୟ ,ଖଜୁରିଆକଟା UGC ର NAAC ସ୍ୱୀକୃତି ହାସଲ କରିଅଛି । ଏବେ ମହାବିଦ୍ୟାଳୟ UGC ଠାରୁ ଅନୁଷ୍ଠାନର ବିକାଶ ପାଇଁ ଆର୍ଥିକ ଅନୁଦାନ ଲାଭ କରୁଅଛି । ନିକଟ ଅତୀତରେ ଆମ ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ IDP (Institutional Development Plan ) ରେ ଅନ୍ତର୍ଭୁକ୍ତ ହୋଇଛି ।

ହିନ୍ଦୋଳ ଉପଖଣ୍ଡରେ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବରେ ହିନ୍ଦୋଳ ମହାବିଦ୍ୟାଳୟ ,ଖଜୁରିଆକଟା ଜନସାଧାରଣଙ୍କର ଆସ୍ଥା ଭାଜନ ହୋଇ ପାରିଛି । ଏ ମହାବିଦ୍ୟାଳୟରୁ ଶିକ୍ଷାପ୍ରାପ୍ତ ହୋଇ ଅନେକ ଛାତ୍ରଛାତ୍ରୀ ଆଜି ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠିତ । ମାନନୀୟ ସାଂସଦ ଶ୍ରୀଯୁକ୍ତ ତଥାଗତ ସତପଥିଙ୍କ ସାଂସଦ ପାଣ୍ଠିରୁ ବିଗତ ବର୍ଷ ସାତଲକ୍ଷ ଟଙ୍କାର ଅନୁଦାନ ପାଇ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାକୁ ପକ୍କା କରାଯାଇପାରିଛି । ତଥାପି ଦୁଃଖ ଓ ପରିତାପ ର ବିଷୟ ଏହିଯେ ଏବେ ସୁଦ୍ଧା ମହାବିଦ୍ୟାଳୟର ନ୍ୟୁନତମ ଆବଶ୍ୟକତା ଗୁଡ଼ିକର ପୁର୍ତ୍ତି ହୋଇପାରିନାହିଁ । ଆବଶ୍ୟକୀୟ ଶ୍ରେଣୀ ଗୃହର ଅଭାବ , ବିଜ୍ଞାନଗାରର ଉନ୍ନତିକରଣ , ପାଠାଗାରର ଅଭିବୃଦ୍ଧି , ଖାଲି ପଡ଼ିଥିବା ଅଧ୍ୟାପକ ପଦବୀରେ ସରକାରୀ ସ୍ତରରୁ ଦକ୍ଷ ଅଧ୍ୟାପକଙ୍କ ନିଯୁକ୍ତି ଆଦିର ଆବଶ୍ୟକତା ଛାତ୍ରଛାତ୍ରୀ ଭାବେ ଆମେ ବହୁତ ଅନୁଭବ କରୁଅଛୁ । ଏବଂବିଧ ଆବଶ୍ୟକତା ମଧ୍ୟରେ ସର୍ବାଧିକ ଆବଶ୍ୟକତା ଏକ ସ୍ଥାୟୀ ପ୍ରାଚୀର ଟିଏ ଲୋଡ଼ା ପଡ଼େ । ଏ ଅବକାଶରେ ଏଠାରେ ଉପସ୍ଥିତ ଥିବା ମାନ୍ୟବର ସାଂସଦ ଓ ମାନନୀୟା ବିଧାୟିକାଙ୍କୁ ସବିନୟ ଅନୁରୋଧ କରୁଛି ଏ ଗ୍ରାମୀଣ ମହାବିଦ୍ୟାଳୟର ଉନ୍ନତି କଳ୍ପେ ତଥା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଯଥାସମ୍ଭବ ସହଯୋଗ କରିପାରିଲେ ହିନ୍ଦୋଳ ଉପଖଣ୍ଡ ର ଜନସାଧାରଣ ଆପଣଙ୍କ ନିକଟରେ ଅନୁଗୃହିତ ରହିବେ । ମଞ୍ଚାସୀନ ଅତୀଥିବର୍ଗଙ୍କ ସହାନୁଭୂତି ଓ ଆଶୀର୍ବାଦ କାମନା କରି ରହୁଅଛି ।

ସାଧାରଣ ସଂପାଦକ

HINDOL COLLEGE
Estd : 1977
KHAJURIAKATA, DHENKANAL

PRINCIPAL
HINDOL COLLEGE
KHAJURIAKATA

# ANNUAL REPORT FOR THE YEAR 2014-2015

It is an immense pleasure to present the annual report of the college for the year 2014-2015 with a photographic record of its activities and achievements. Although established in a backward, rural area, it gradually grows with the flow of time.

- The spokesman- like prospectus and calander of the college are always ready in our website to speak to the world on its identity and all important events that take place in the year.
- The process of admission is electronically managed through e- Admission system.
- The new entrants are warmly welcomed in the first week of September with the recognition that they are all important and inextricable parts of the college.
- To drive academic disparity out from among the students, we arrange regular remedial coaching classes for the slow learners. But this year, it is delayed as the University Grants Commission is awaited for release of funds for the purpose.
- Eminent academicians and scholars from different walks of life enlighten the students as to false beliefs, ignorance, morality, spirituality, wisdom and truth.
- The creative talent of students is encouraged to flourish and highly honoured by publishing the creations in the college magazine and departmental wall magazines.
- Since speech is understood to be the effective means of expressing the inexpressible, the students are taught the skills of communication for projection of their inner self.
- The larners are annually sent on study tour to different institutions / places beyond the boundary of the college to learn more and to expand the sphere of knowledge.
- Seminars (Departmental and Annual) are arranged for expanding the scope of exchange of ideas and interaction between the students on a particular subject / topic.
- Three ICT classes have become operational in the year 2014-15.
- 20 students are daily practising in the Gym Khana.
- One Sasmita Naik won a bronze medal for winning 3rd position in a 5000 metres marathon race, organized by Utkal University in 2014. Other sportsmen and athlets also participated in various events on different occasions.
- Thanks to the Self Defance Programme that has produced 04 master trainers from among our women-students to impart training to the students of other colleges inculcating in them the confidence that they are no more considered weak. They are self protected and can fight against social odds.
- The NCC cadets and the volunteers of the NSS and the YRC units are whole heartedly working in various social spheres to bring an attitudinal reform of the society. The inhabitants of our adopted village "Sanahindol" are made aware of the common health hazards and nutrition related problems. They are also shown the ways of freeing themselves from the grips of such difficulties. Medicines, have been given (free of cost) to the patients on the spot after examined by 07 doctors.
- Shri S.K. Upadhaya, I.P.S, Additional D.G, Investigation & Human Rights Commission, Odisha delivered an elaborate speech enlightening the students on human rights and responsibilities towards the nation and mankind as a whole.
- Defence personnel of high profile like Col. H.R. Sindhe and Maj. N. Bindu and professional experts P.K. Nanda, DGM, Syndicate Bank and Senior Manager,

AVIVA. Insurance spoke to the students on different occassions ensuring ample scope of employment in Defence and Banking Sector. They stressed upon the students' constant and determined effort with an optimistic attitude.

- The adult students are facilitated to exercise their voting rights to form a union of their own on democratic principles. The annual sports and the annual day celebration will be held in the 3rd week of Jan, 2015 and 1st week of Feb, 2015 respectively under the leadership of the office bearers of the Students' Union. Observance of festive occasions is an opportunity to exhibit the inherent abilities and the achievers are rewarded as a token of inspiration.
- The annual budget of the college for the year 2014-15 has been prepared in April, 2014 and approved by the Governing Body. All expenditures incurred in accordance with the provisions reflected in the budget will be audited at the end of the financial year for establishing the transactions as just and genuine.
- The exams will be conducted fairly in this college centre with the collective effort of the staff as per the schedule and rules framed by the affiliating university.
- Departments of Botany, Chemistry, Economics, English, Mathematics and Odia have proposed to organize National Level Seminars. Signal of the UGC is awaited.
- Four (04) lecturers have registered in 2014-15 for Minor Research Porjects. The researchers being assisted by the UGC, have pledged to complete the projects by 2016.
- The Directorate of Higher Education, Odisha has been requested to accord due permission in favour of Sri B.N. Tripathy, Lecturer in English and Sri J.B. Nanda, Lecturer in Sanskrit to participate in the Orientation / Refresher Course in 2014-15.
- The department of Forest & Environment, Govt. of India has been requested to support us financially for continuation of NEAC programme during the ongoing session.
- Those who had once entered to the college as students and left after completion of their study, remain emotionally attached to the institution. They very often come to share the joyous moments and promise to dedicate anything possible for the welfare of the organization. We, on behalf of the college, thanked the alumni association in a recently held meeting for its high sense of sacrifice.

PRINCIPAL
HINDOL COLLEGE
KHAJURIAKATA